ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୬ ଜୁଲାଇ, ୨୦୧୯



## ■ ପୋଷ୍ଟ ଅଫିସ୍ ଜମା ଟଙ୍କା ଫେରସ୍ତ ଦାବି
# ଡାକମଣ୍ଡଳ ଅଧୀକ୍ଷକଙ୍କୁ ଘେରିଲେ ଜମାକାରୀ

**ଆସିକା,୨୫।୭(ଡି.ଏନ୍.ଏ.)**

ଆସିକା ଡାକ ମଣ୍ଡଳର କବିସୂର୍ଯ୍ୟନଗର ସବ୍‌ପୋଷ୍ଟ ଅଫିସ୍ ଶିଆଳିଆ ଶାଖା ଡାକଘରେ ଜମାକାରୀଙ୍କ ଟଙ୍କା ହେରଫେର୍ ହୋଇଥିବା ନେଇ ଜମାକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ ପକ୍ଷରୁ ଗତ ୨୦୧୮ ଜୁଲାଇ ୫ରୁ ଏହି ଅଭିଯୋଗ ଜମାକାରୀମାନେ ଆସିକାସ୍ଥିତ ଡାକମଣ୍ଡଳ ଅଧିକ୍ଷକଙ୍କ ନିକଟରେ ଦାଖଲ କରିଥିଲେ। ମାତ୍ର ଅଦ୍ୟାବଧି ଏହାର ସମାଧାନ ହୋଇପାରି ନ ଥିବାରୁ ଜମାକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ୨୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଜମାକାରୀ ଆସିକାସ୍ଥିତ ମଣ୍ଡଳ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେମାନଙ୍କ ଜମା ଟଙ୍କା ମିଳିଲେ ହିଁ ଅଫିସ୍ ଛାଡିବେ ବୋଲି ଅଡି ବସିଥିଲେ। ଯଥାଶୀଘ୍ର ସେମାନଙ୍କ ଟଙ୍କା ଫେରସ୍ତ ଦିଗରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସହକାରୀ ଅଧିକ୍ଷକ ଜବାହାର ରାଓ ପ୍ରତିଶ୍ରୁତି ଦେବା ପରେ ଜମାକାରୀମାନେ ଫେରିଥିବା ଜଣାଯାଇଛି। ସଂପୃକ୍ତ ଡାକଘରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଜମାକାରୀଙ୍କ ୨୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବା ଜମାକାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଡାକ ବିଭାଗୀୟ ଅଧିକ୍ଷକ ବିପିନ ବିହାରୀ ନେଗିଙ୍କୁ ପଚାରିବାରେ ଅଦ୍ୟାବଧି ଏହି ଡାକଘରେ ୩୩ଜଣ ଜମାକାରୀଙ୍କ ୮.୨ ଲକ୍ଷ ଟଙ୍କା ଏଭଳି ବିଭ୍ରାଟ ହୋଇଥିବା ଡାକ ବିଭାଗର ତଦନ୍ତରୁ ଜଣାପଡିଛି। ତେବେ ୫ ହଜାର ଟଙ୍କା ମଧ୍ୟରେ ଜମା ଟଙ୍କା ଫେରସ୍ତ ଲାଗି ଅଧିକ୍ଷକଙ୍କ କ୍ଷମତା ରହିଥିଲାବେଳେ ତା ଠାରୁ ଉର୍ଦ୍ଧ୍ୱ ଟଙ୍କା ଲାଗି ପି.ଏମ୍.ଜି.ଙ୍କ ଆଦେଶ ଦରକାର। ଏ ପରିସ୍ଥିତିର ସମାଧାନ ଲାଗି ୪ଜଣ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସପ୍ତାହେ ମଧ୍ୟରେ କବିସୂର୍ଯ୍ୟନଗର ସବ୍‌ପୋଷ୍ଟ ଅଫିସ୍ ଓ ଶିଆଳିଆ ଗ୍ରାମକୁ ଯାଇ ଜମାକାରୀଙ୍କ ଠାରୁ ଜମା ସଂକ୍ରାନ୍ତିୟ କାଗଜପତ୍ର ସଂଗ୍ରହପରେ ପି.ଏମ୍.ଜି.ଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ସଂପୃକ୍ତ ପୋଷ୍ଟ ମାଷ୍ଟରଙ୍କ ବିରୁଦ୍ଧରେ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ପୋଲିସରେ ଅଭିଯୋଗ ଦାଖଲ କରାଯାଇଥିବା ସୂଚନା ଦେଇଛନ୍ତି।



ଉପଅଧୀକ୍ଷକ ଜମାକାରୀଙ୍କୁ ବୁଝାଶୁଝା କରୁଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

**ଭଞ୍ଜନଗର,୨୫।୭(ଡି.ଏନ.ଏ):** ଭଞ୍ଜନଗର ସହର ଭେଜିପୁଟ ବ୍ରାହ୍ମଣଦେବୀ ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟାରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୩୨ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ପ୍ରକାଶ ଯେ, ମନ୍ଦିର ନିକଟରେ କିଛିଦିନ ହେବ ଜୁଆଖେଳ ଚାଲୁଥିଲା । ଏ ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ବୁଧବାର ସନ୍ଧ୍ୟାରେ ପୋଲିସ ସେଠାରେ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ କେତେଜଣ ଖସିଯିବାରେ ସକ୍ଷମ ହୋଇଛନ୍ତି।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗ

**ଛତ୍ରପୁର,୨୫।୭(ଡି.ଏନ.ଏ):** ଚମାଖଣ୍ଡି ଥାନା ଅଧୀନ ଘଡଘଡାପଲ୍ଲୀ ଗାଁରେ ଜଣେ ମହିଳାଙ୍କୁ ୨ ଭାଇ କୌଣସି ଏକ କାରଣକୁ ନେଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ମହିଳା ଜଣଙ୍କ ଏ ନେଇ ଥାନାରେ ଅଭିଯୋଗ କରବାରୁ ପୋଲିସ ଏକ ମାମଲା (ନଂ.୮୭/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ସହଦେବ ମହାପାତ୍ର କହିଛନ୍ତି।

### ସତ୍ୟସାଇ ସେବା ସମିତିର ସବୁଜିମା କାର୍ଯ୍ୟକ୍ରମ



ଭଞ୍ଜନଗର,୨୫।୭(ଡି.ଏନ.ଏ)-ଭଞ୍ଜନଗର ସତ୍ୟସାଇ ବିଦ୍ୟାମନ୍ଦିରରେ ଗୁରୁବାର ସତ୍ୟସାଇ ସେବା ସମିତି ପକ୍ଷରୁ ସବୁଜିମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କେ.ମାଧବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ର ଓ ଗୁରୁଜୀ ଚାରାରୋପଣ କରିଥିଲେ। ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଆଲତିଆ, ସଞ୍ଜୟ ସାମଲ, ପି. ସ୍ୱରାଜ୍ୟ ପାତ୍ର, ଗୌରହରି ଦାସ, ସନ୍ତୋଷ ଜେନା, ସତ୍ୟନାରାୟଣ ଲେଙ୍କା, ସୁନୀଲ କୁମାର ପାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରକାଶ ରାଓଙ୍କ ଆରୋଗ୍ୟ କାମନା କରି ଦୀପଦାନ

**ହିଞ୍ଜିଳିକାଟୁ,୨୫।୭(ଡି.ଏନ୍.ଏ.):** ସାମାଜିକ କର୍ମୀ ତଥା ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଆରୋଗ୍ୟ କାମନା କରି ବୁଧବାର ସନ୍ଧ୍ୟାରେ ତ୍ରିରଙ୍ଗା ଯୁବକ ସଂଘ ପକ୍ଷରୁ ହିଞ୍ଜିଳିକାଟୁ ବଜାରସ୍ଥିତ ଚନ୍ଦ୍ର କନ୍ଦେଶ୍ୱର ମନ୍ଦିରରେ ଦୀପଦାନ କରାଯାଇଥିଲା। ସଂଘ ସଭାପତି ରଞ୍ଜନ କୁମାର ସାହୁ, କିରଣ ପୃଷ୍ଟି, ଟିମନ ସାହୁ, ସରୋଜ ପାତ୍ର, କିଷାନ ପାତ୍ର ପ୍ରମୁଖ ଦୀପଦାନ କରିଥିଲେ।

### ଆଦିବାସୀ ଭାରତ ମହାସଭା ପକ୍ଷରୁ ଶୋଭାଯାତ୍ରା

**ଭଞ୍ଜନଗର,୨୫।୭(ଡି.ଏନ୍.ଏ.):** ଆଦିବାସୀ ଭାରତ ମହାସଭା ଭଞ୍ଜନଗର ପକ୍ଷରୁ ବୁଧବାର ସ୍ଥାନୀୟ ଶ୍ରମ ବିଭାଗ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାର ନକଲ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କ ନିକଟକୁ ପଠାଇଛନ୍ତି। ଦାବିପତ୍ରରେ ସେମାନେ ଅଭିଯୋଗ କରିଛନ୍ତି ଯେ, ସ୍ଥାନୀୟ ଶ୍ରମ ବିଭାଗ ପକ୍ଷରୁ ଆଦିବାସୀଙ୍କୁ ନିର୍ମାଣ ଶ୍ରମିକ ପ୍ରମାଣପତ୍ର ଦିଆଯାଉନାହିଁ। ୩ବର୍ଷ ପୂର୍ବରୁ ଭଞ୍ଜନଗର ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ନିର୍ମାଣ ଶ୍ରମିକ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ସ୍ଥାନୀୟ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇନଥିଲା। ଏନେଇ କିଛିଦିନ ପୂର୍ବେ ଆଦିବାସୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ତୁରନ୍ତ କାର୍ଡ଼ ପ୍ରଦାନ ବ୍ୟବସ୍ଥା କରିଥିଲା। କିନ୍ତୁ ଏବେବି ଅନେକ ଆଦିବାସୀ କାର୍ଡ଼ ପାଇଁ ଆବେଦନ କରିଛନ୍ତି, ହେଲେ ମିଳୁନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଆଦିବାସୀମାନେ ଦାବି କରିଛନ୍ତି। ଆଦିବାସୀ ଭାରତ ମହାସଭା ରାଜ୍ୟ ସଂଯୋଜକ ଚୁନା ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନୀଳାଞ୍ଚଳ ଜାନି ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଅପରପକ୍ଷେ ଏନେଇ ସ୍ଥାନୀୟ ଶ୍ରମ ବିଭାଗର ଅଧିକାରୀ ବୃନ୍ଦାବନ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଲୋକଙ୍କୁ ନିର୍ଦ୍ଧାରିତ ସମୟରେ କାର୍ଡ଼ ପ୍ରଦାନ କରାଯାଉଛି। ସାଧାରଣ ନିର୍ବାଚନ ଯୋଗୁ କାର୍ଡ଼ ପ୍ରଦାନରେ ବିଳମ୍ବ ହୋଇଥିଲା।

## ଗୋଷ୍ଠୀ ସଂଘର୍ଷ ମାମଲାରେ ଜଣେ ଗିରଫ

**ଦିଗପହଣ୍ଡି,୨୫।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କୁ ବୁଧବାର ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ଦିଗପହଣ୍ଡି ଥାନା ମାମଲା ନଂ. ୧୭୦/୧୮ରେ ବ୍ରହ୍ମପୁର କୋର୍ଟଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ୨୦୧୮ ଅକ୍ଟୋବର ୧ରେ ଗାଁ ରାସ୍ତାରେ ହମ୍ପ ନିର୍ମାଣକୁ କେନ୍ଦ୍ରକରି ଅନୁସୂଚିତ ଜାତିର କେତେଜଣ ଯୁବକ ରବୀନ୍ଦ୍ରଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ପରେ ସବର୍ଣ୍ଣ ଗୋଷ୍ଠୀର ଲୋକେ ଦଳିତ ପରିବାରଙ୍କୁ ଗୋଡ଼ାଇବା ସମୟରେ ସଞ୍ଜୁ ନାଇକ ଗୁରୁତର ହୋଇଥିଲେ। ସଞ୍ଜୁଙ୍କ ଏତଲାକ୍ରମେ ପୋଲିସ ସବର୍ଣ୍ଣ ଗୋଷ୍ଠୀର ୨୨ ଜଣଙ୍କ ନାଁରେ ମାମଲା ରୁଜୁ କରିଥିବା ବେଳେ ବନୀତା ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଅନୁସୂଚିତ ଜାତି ଗୋଷ୍ଠୀର ୨୦ ଜଣଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାର ୯ ମାସ ପରେ ପୋଲିସ ରବୀନ୍ଦ୍ରଙ୍କୁ କୋର୍ଟଚାଲାଣ କରିଛି।

# ବିପଦସଙ୍କୁଳ ଅବସ୍ଥାରେ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ

**ସୋରଡ଼ା,୨୫।୭(ଡି.ଏନ.ଏ.)**

ସୋରଡା ବ୍ଲକ ସୁରମଣି ପଞ୍ଚାୟତ ବିଷ୍ଣୁପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ, ପାଚେରି, କାନ୍ଥ, କାର୍ଯ୍ୟାଳୟ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ଗୁରୁବାର ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ଅଧକ୍ଷା ଟିଙ୍କିନା ଗୌଡ଼ଙ୍କ ତତ୍ତ୍ୱାବଧାନରେ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ସମସ୍ତ ସଦସ୍ୟଙ୍କ ସହ ଗ୍ରାମ ସଭାପତି ଦୟାନିଧି ଗୌଡ଼, ସମସ୍ତ ଅଭିଭାବକ, ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ। ୨୦୦୪ରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ମାତ୍ର ୨ଟି କୋଠରିରେ ୫ ଶ୍ରେଣୀ ଚାଲୁଥିବାବେଳେ କାନ୍ଥ ଛାତର ଅବସ୍ଥା ଶୋଚନୀୟ ଓ ଚଟାଣ ଫାଟି ଗଲାଣି, ପାଚେରି ମଧ୍ୟ ଭୁଶୁଡ଼ି ପଡିଛି। ଆରମ୍ଭରୁ ବିଦ୍ୟାଳୟକୁ ବିଜୁଳି ସଂଯୋଗ ନଥିବା ଗ୍ରାମ ସଭାପତି ଗୌଡ଼ କହିଛନ୍ତି।




ବିଦ୍ୟାଳୟ ସମ୍ମୁଖରେ ଅଭିଭାବକମାନେ ଏକାଠି ହୋଇଛନ୍ତି।

**ଅଭିଭାବକ, ପରିଚାଳନା କମିଟିର ଜରୁରୀ ବୈଠକ**

ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ସମସ୍ୟା ସମାଧାନ ପାଇଁ ୨୧ ଅଗଷ୍ଟ ୨୦୧୮ରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଜଣାଇଥିଲୁ। ତଥାପି ଦୃଷ୍ଟି ପଡୁନି ବୋଲି ଗ୍ରାମବାସୀ କହିଥିଲେ। କୋଠା ନିର୍ମାଣ, ବିଜୁଳି ସଂଯୋଗ, ଷଷ୍ଠ ଶ୍ରେଣୀ ଖୋଲିବା ଉପରେ ବୈଠକରେ ଆଲୋଚନା ସହ ପ୍ରଶାସନକୁ ପତ୍ର ପ୍ରେରଣ ପାଇଁ ନିଷ୍ପତ୍ତି ହୋଇଥିଲା। ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ରହିଥିବାରୁ ଏହାକୁ ପୁନଃନିର୍ମାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ ପାଇଁ ସାମୂହିକ ନିଷ୍ପତ୍ତି ହୋଇଥିଲା।

## ଜଳପଥରେ ଦୁର୍ଗମ ଗ୍ରାମକୁ ଗଲେ ତହସିଲଦାର

**ପାତ୍ରପୁର,୨୫।୭(ଡି.ଏନ୍.ଏ.)**

ଗୋଟିଏ ପଟେ ବାଘଲଟି ପ୍ରକଳ୍ପର ଜଳରାଶି ଅନ୍ୟ ୩ପଟେ ଜଙ୍ଗଲ ମଧ୍ୟରେ ଥିବା ପାତ୍ରପୁର ବ୍ଲକ ଆଙ୍କୁଲି ପଞ୍ଚାୟତର ୪ ଗ୍ରାମରେ ପହଞ୍ଚିଛନ୍ତି ପାତ୍ରପୁର ତହସିଲଦାର ଡ. ଶ୍ରୀନିବାସ ବେହେରା। ମଙ୍ଗଳବାର ଡଙ୍ଗାଯୋଗେ ବାଘଲଟି ଜଳପ୍ରକଳ୍ପ ପାର ହୋଇ ତହସିଲଦାର, ଖାରିଆଗୁଡ଼ା ଆର୍‌ଆଇ କ୍ଷୀରସିନ୍ଧୁ ବେହେରା, ଜରଡ଼ା ଆର୍‌ଆଇ ପ୍ରକାଶ ମଲିକ, ଶିରିଶଗଣ୍ଡ, ମଖିବଣ, ଏଲଗଲ, ବେହେରାପୁଟୁ ପ୍ରମୁଖ ଗ୍ରାମକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାମର ସମୀକ୍ଷା କରିବା ସହ ସମସ୍ୟା ନେଇ ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ତିତଲିରେ କ୍ଷତିଗ୍ରସ୍ତ ଅନେକ ପରିବାର ସହାୟତା ପାଇନାହାନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଚିହ୍ନଟ ହୋଇଥିବା କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳି ନ ଥିବା ଅଭିଯୋଗ କରିଥିଲେ। ଏଲଗଲ ଓ ଶିରିଶଗଣ୍ଡ ଗ୍ରାମର ୬୩ ପରିବାରକୁ ଅନ୍ୟତ୍ର ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାସହ ଏନେଇ ଜିଲା ପ୍ରଶାସନକୁ ଚିଠି କରିବାକୁ କହିଛନ୍ତି।

## ■ ବ୍ୟାଙ୍କ ନିକଟ ଷ୍ଟୁଡ଼ିଓରୁ ଲୁଟିନେଲେ
# ସମ୍ମୁଖରେ ଜଗିଛି ପୋଲିସ, ପଛପଟୁ ଚୋରି

**ଭଞ୍ଜନଗର,୨୫।୭(ଡି.ଏନଏ)**

ଭଞ୍ଜନଗର ଷ୍ଟେଟବ୍ୟାଙ୍କ ଛକ ସହରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ବ୍ୟାଙ୍କ ଥିବା ଯୋଗୁ ଏଠାରେ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାତିସାରା ପୋଲିସ ଜଗି ରହୁଛି। ବ୍ୟାଙ୍କଠାରୁ ୧୦୦ ମିଟର ଦୂରରେ ଡାକ୍ତରଖାନା, ୫୦ ମିଟର ଦୂରରେ ଏସ୍‌ଡିପିଓ ଅଫିସ୍ ଓ କ୍ୱାର୍ଟର, ଡିଏଫଓ କ୍ୱାର୍ଟର। ବ୍ୟାଙ୍କ ଛକରେ ପୋଟ୍ରୋଲ ଟାଙ୍କି ମଧ୍ୟ ଅଛି। ଉକ୍ତ ଛକରେ ଘରୋଇ ଘୁମୁସର ହସ୍ପିଟାଲ ସହ ୨ଟି ବଡ଼ ହୋଟେଲ ମଧ୍ୟ ଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗହଳି ରହୁଛି। ତଥାପି ଦୁର୍ବୃତ୍ତମାନେ ବୁଧବାର ରାତିରେ ବ୍ୟାଙ୍କର ଗୋଟିଏ ଘର ଛାଡ଼ିଥିବା ଏକ ଷ୍ଟୁଡିଓରୁ ଚୋରି କରିଛନ୍ତି।

ବ୍ୟାଙ୍କ ସମ୍ମୁଖ ଭାଗ ଛକରେ ପୋଲିସ ପଇଁତରା ମାରୁଥିବା ବେଳେ ଦୁର୍ବୃତ୍ତମାନେ ନିକଟସ୍ଥ ଜେ.କେ.ଷ୍ଟୁଡ଼ିଓ ପଛ ଆଡୁ ଆସି ଭେଣ୍ଟିଲେଟର ଭାଙ୍ଗି ଭିତରେ ପଶି ୧୨ ହଜାର ଟଙ୍କା, କମ୍ପ୍ୟୁଟର, କ୍ୟାମେରା ଆଦି ଲୁଟି ନେଇଛନ୍ତି। ଗୁରୁବାର ସକାଳେ ଷ୍ଟୁଡିଓ ମାଲିକ ଜୟକୃଷ୍ଣ ପଟ୍ଟନାୟକ ଏହା ଦେଖି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି।



ଭେଣ୍ଟିଲେଟର ଭାଙ୍ଗି ଚୋରି ହୋଇଛି ।

ଷ୍ଟୁଡ଼ିଓ ପଛ ପଟେ ଏନଏସି ପୋଖରୀ ଥିବା ଯୋଗୁ ରାତିରେ ଉକ୍ତ ଅଞ୍ଚଳଟି ନିଛାଟିଆ ରହୁଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିବାରେ ସକ୍ଷମ ହୋଇଛନ୍ତି। ଏହା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଅପରପକ୍ଷେ ଗତ କିଛିଦିନ ହେଲା ଭଞ୍ଜନଗର ଥାନା ଅଞ୍ଚଳରେ ଚୋରି, ଡକାୟତି ବଢ଼ିବାରେ ଲାଗିଛି। କେତେକ ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହେଉଥିଲେ ମଧ୍ୟ ଅପରାଧ କମୁ ନଥିବାରୁ ଚିନ୍ତାର କାରଣ ସାଜିଛି। ଏଭଳି ସ୍ଥିତିରେ ଭଞ୍ଜନଗର ପୋଲିସ ସହରରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା ଚଳାଇଛି । ୪ବର୍ଷ ପୂର୍ବେ ସହରର ବିଭିନ୍ନ ଅନୁଷ୍ଠାନ ସହଯୋଗରେ ଏହି ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ହିଞ୍ଜିଳିକାଟୁ,୨୫।୭(ଡି.ଏନ୍.ଏ.)**

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ହିଞ୍ଜିଳିକାଟୁ ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବା ସହ ବୁଲି ଦେଖିଛନ୍ତି। ଜିଲାପାଳ ମକରଝୋଳ ପଞ୍ଚାୟତ ପଲୀପଦ୍ମନାଭପୁର ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇଥିଲେ। ସେଠାରୁ ମକରଝୋଳ ହାଇସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ପରେ ସାରୁ ପାଠାଗାର ଓ ସୂଚନା କେନ୍ଦ୍ର ବୁଲି ଦେଖିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାଙ୍କ ସହ କଥା ହୋଇଥିଲେ। ପରେ ପୋଟିଲିମା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଏମ୍‌ଜିଏନ୍‌ଆରଇଜିଏ ଯୋଜନାରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିର୍ମାଣାଧୀନ ଇନଡ଼ୋର ଷ୍ଟାଡ଼ିୟମ ବୁଲିଥିଲେ। ଉନ୍ନୟନ କାର୍ଯ୍ୟ ଗୁଡ଼ିକ ଯେଭଳି ଠିକ ସମୟରେ ସରିବ ସେଥିପ୍ରତି ଧ୍ୟାନ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ। ସମୀକ୍ଷା ବେଳେ ଅଧକ୍ଷ ଏନ. ରଘୁନାଥ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଏବିଡ଼ିଓ ଧରଣୀଧର ଭୂୟାଁ, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ହୋତା ଓ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।



ବିଦ୍ୟାଳୟରେ ଅନୁଧ୍ୟାନ କରୁଛନ୍ତି ଜିଲାପାଳ ।

## ■ ଜୋର ଧରୁଛି ରେଳଲାଇନ ଦାବି
# ଏକାଠି ହେବେ ୫ ଜିଲା ବାର୍ ଆସୋସିଏଶନ କର୍ମକର୍ତ୍ତା

**ଭଞ୍ଜନଗର,୨୫।୭(ଡି.ଏନ.ଏ)**

ବ୍ରହ୍ମପୁର ଭାୟା ଭଞ୍ଜନଗର ସମ୍ବଲପୁର ରେଳଲାଇନ ନକ୍ସାରେ ଅଟକି ରହିଛି। ଏଭଳି ସ୍ଥିତିରେ ଭଞ୍ଜନଗର ବାର ଆସୋସିଏଶନ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ନେଇଛି । ଆସନ୍ତା ୨୭ରେ ଭଞ୍ଜନଗରରେ ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ବରଗଡ଼ ଓ ସମ୍ବଲପୁରର ବିଭିନ୍ନ ବାର ଆସୋସିଏଶନ କର୍ମକର୍ତ୍ତାଙ୍କୁ ନେଇ ବୈଠକ ହେବ । ଏହା କିଭଳି ସଫଳ ହେବ ସେ ନେଇ ଗୁରୁବାର ଭଞ୍ଜନଗର ବାର ଆସୋସିଏଶନ ପରିସରରେ ପ୍ରସ୍ତୁତି ବୈଠକ ବସିଥିଲା। ବାର ଆସୋସିଏଶନ ସଭାପତି ଅଭିମନ୍ୟୁ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାରେ କର୍ମକର୍ତ୍ତା ଭାଗ ନେଇଥିବା ଆଇନଜୀବୀ ରବି ଦାସ ସୂଚନା ଦେଇଛନ୍ତି ।

## ■ ହୁମ୍ପର ଗାଁ ରାସ୍ତା ନିର୍ମାଣ ନିମ୍ନମାନର
# ପୁନଃ ନିର୍ମାଣ ନିର୍ଦ୍ଦେଶ ଦେଲେ ବିଡିଓ

**ଛତ୍ରପୁର,୨୫।୭(ଡି.ଏନ.ଏ)**

ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଛତ୍ରପୁର ବ୍ଲକ ପୋଡାପଦର ପଞ୍ଚାୟତ ହୁମ୍ପର ଗାଁରେ ଅତି ନିମ୍ନମାନର କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଥିବା ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଗୁରୁବାର ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ତାଙ୍କ ଷ୍ଟାଫଙ୍କ ସହ ସେଠାକୁ ଯାଇ ରାସ୍ତା ଦେଖିଥିଲେ । ହୁମ୍ପର ଗାଁ ଜୟଦୁର୍ଗା ମନ୍ଦିର ଠାରୁ ଦୁର୍ଗା ଘାଇ ଶଙ୍ଖ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ଏହି ୯୨ ମିଟର କଂକ୍ରିଟ୍ ରାସ୍ତା ପାଇଁ ଗତ ଆର୍ଥିକ ବର୍ଷରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ତେବେ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ ପାଇ ଗୁରୁବାର ବର୍ଷା ସତ୍ତ୍ୱେ ବିଡିଓ ଗାଁରେ ପହଞ୍ଚି ଶ୍ରମିକମାନଙ୍କ ଦ୍ୱାରା ରାସ୍ତାର ଗୋଟିଏ ସ୍ଥାନ ଖୋଳି ତଦନ୍ତ କରିଥିଲେ। ସେଥିରୁ କାମ ନିମ୍ନମାନର ହୋଇଥିବା ସ୍ପଷ୍ଟ ଜଣାପଡିଥିଲା । ତଦନ୍ତ ବେଳେ ଯନ୍ତ୍ରୀ ଜୟସେନ ବେହେରା ଉପସ୍ଥିତ ଥିଲେ। ଯୋଜନାର ଗାଇଡଲାଇନ୍ ଅନୁଯାୟୀ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ୩ ଇଞ୍ଚ କଂକ୍ରିଟ୍ ପକାଇ ରାସ୍ତା କାମ ସାରିବାକୁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି।



ରାସ୍ତାସ୍ଥିତି ଅନୁଧ୍ୟାନ କରୁଛନ୍ତି ବିଡିଓ ଓ ଅନ୍ୟମାନେ।

## ■ ରୋଗୀ କଲ୍ୟାଣ ସମିତି ବୈଠକ
# ହସ୍ପିଟାଲରେ ନିର୍ମାଣ କାମ ସାରିବାକୁ ନିର୍ଦ୍ଦେଶ

**ଛତ୍ରପୁର,୨୫।୭(ଡି.ଏନ.ଏ.)**

ଛତ୍ରପୁର ହସ୍ପିଟାଲ ରୋଗୀ କଲ୍ୟାଣ ସମିତି କାର୍ଯ୍ୟକାରୀ କମିଟି ବୈଠକ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ । ଛତ୍ରପୁର ହସ୍ପିଟାଲରେ ଚାଲିଥିବା ବିଭିନ୍ନ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ହସ୍ପିଟାଲ ପରିସରରେ ଏବେ ୯ଟି ସିସି କ୍ୟାମେରା ଲାଗିଛି। ଆହୁରି ୭ଟି ସିସି କ୍ୟାମେରା ଠିକ୍ ସ୍ଥାନରେ ଲଗାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ହେଲ୍ପ ଡେସ୍କକୁ ଠିକ ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଏଠାରେ ୬ ଷ୍ଟାଫ୍ ଅଛନ୍ତି। ଲକ୍ଷ୍ୟ ପ୍ରମାଣ ପତ୍ର ପାଇବା ପାଇଁ ଭଲ ସ୍କୋର ଦରକାର । ତେଣୁ ହସ୍ପିଟାଲ ପ୍ରସୂତି ଗୃହ ଓ ଅପରେଶନ ଥିଏଟ ର ସଫା ରଖିବା ସହ ନିୟମ ଅନୁସାରେ ସବୁ ସରଞ୍ଜାମ ରଖିବାକୁ କୁହାଯାଇଥିଲା। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ପରାମର୍ଶ ଓ ଅଭିଯୋଗ ଗ୍ରହଣ ପାଇଁ ଏକ ବକ୍ସ ରହିବ। ଅଗଷ୍ଟ ୧୫ ତାରିଖରୁ ନିୟମିତ ଏହି ପରାମର୍ଶ ଓ ଅଭିଯୋଗ ଉପରେ ଆଲୋଚନା କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ କାନ୍ଥରେ ଲେଖାଯିବ। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମୃତଦେହ ବ୍ୟବଚ୍ଛେଦ ଗୃହ ରାମତି କରି କାର୍ଯ୍ୟକ୍ଷମ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ହସ୍ପିଟାଲ ପରିସରରେ ବ୍ୟବଚ୍ଛେଦ କରାଯାଉଛି । ହସ୍ପିଟାଲ ଫ୍ରିଜର ଖରାପ ଥିବାରୁ ମୃତଦେହକୁ ରଖାଯାଇପାରୁନି। ରେଡକ୍ରସ ଓ ତ୍ରିନାଥ ସୁନ୍ଦରୀ କ୍ୟାବିନ୍ ସମ୍ପର୍କରେ ଫାଇଲ୍ ଦେବାକୁ ଉପଜିଲାପାଳ କହିଥିଲେ। ପାଇଖାନା ଓ ଡ୍ରେନ୍ ନିର୍ମାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଏଷ୍ଟିମେଟ୍ ଦେବେ ।



ଉପଜିଲାପାଳ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

**■ଉପଜିଲାପାଳ କଲେ ଅଚାନକ ପରିଦର୍ଶନ**

**■ଆହୁରି ୭ ସିସି କ୍ୟାମେରା ଲାଗିବ**

ପୂର୍ବାହ୍ନରେ ଅଚାନକ ଛତ୍ରପୁର ହସ୍ପିଟାଲ ପରିଦର୍ଶନରେ ଉପଜିଲାପାଳ ଯାଇ ତଥ୍ୟ ସଂଗ୍ରହ କରିଥିଲେ । ଫେରିବା ବେଳେ ଗତ ୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଉପସ୍ଥାନ ଫାଇଲ୍‌କୁ ଉପଜିଲାପାଳ ଆଣିଥିଲେ । ଅଧିକାଂଶ ଡାକ୍ତର ଓ ଷ୍ଟାଫ ବିଳମ୍ବରେ ଆସୁଥିବା ଉକ୍ତ ଫାଇଲରୁ ଜଣାପଡିଛି । ବାୟୋମେଟ୍ରିକ୍ ବ୍ୟବସ୍ଥା ଦ୍ୱାରା ଉପସ୍ଥାନ ନିଆଯାଉଛି । ବୈଠକରେ ଡେପୁଟି ସବକଲେକ୍ଟର ଶରତ ଚନ୍ଦ୍ର ପାତ୍ର, ଡା. ଜେ ଏମ୍ ବେବର୍ତ୍ତା, ହସ୍ପିଟାଲ ମ୍ୟାନେଜର ସନ୍ତୋଷ ପଣ୍ଡା, ସିଡିପିଓ କ୍ରିଷ୍ଣା କୁମାର ନନ୍ଦ, ରୋଗୀ କଲ୍ୟାଣ ସମିତିର ସଭ୍ୟ ସୁବର୍ଣ୍ଣମାଳା ବିଷୋୟୀ, ବିଜୟ ପଟ୍ଟନାୟକ, କୃପାସିନ୍ଧୁ ପଣ୍ଡା ଓ ବସନ୍ତ ମହାରଣାଙ୍କ ସମେତ ସାଉଥକୋ, ରାସ୍ତା ଓ କୋଠାବାଡି ଆଦିର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନଡ଼ିଆ ଚାରାରୋପଣ



**ଦିଗପହଣ୍ଡି,୨୫।୭(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ଗୁରୁବାର ଏମ୍‌ଜିଏନ୍‌ଆରଇଜିଏସ୍ ଆନୁକୂଲ୍ୟରେ ୧ ଶହ ନଡ଼ିଆ ଚାରା ରୋପଣ କରାଯାଇଥିଲା। ଗ୍ରାମର ନୂଆ ପୋଖରୀ ହୁଡ଼ା ଏବଂ ଶିଶୁ ଉଦ୍ୟାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମକୁ ବିଡିଓ ହଳଧର ଶବର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଦିଗପହଣ୍ଡି ଅତିରିକ୍ତ ତହସିଲଦାର ମନୋଜ ପ୍ରଭାକର କୁଜୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଥମିକ ସେବା ସମବାୟ ସମିତି ସଭାପତି ତଥା ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜାଗିଲି ସାହୁ, ଗ୍ରାମ ରୋଜଗାର ସେବକ ଗଣେଷ ରେଡ୍ଡୀ, ପଞ୍ଚାୟତ ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା ନନ୍ଦନ ଦୋରା, ଅରୁଣ ପଣ୍ଡା, ସତୀଶ ଦୋରା ଓ ମାଧବ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର

**ବେଗୁନିଆପଡ଼ା,୨୫।୭(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ କେ.ବରିଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାଗିଲିପଦର ବିଦ୍ୟାଳୟର ଶିକ୍ଷୟିତ୍ରୀ ନନ୍ଦିନୀ ରାଣୀ ବେହେରା ଓ ବି. ନୂଆଗାଁ ବିଦ୍ୟାଳୟ ଶିକ୍ଷୟିତ୍ରୀ ଲିପିକା ଭୋଇ ଯୋଗଦେଇ ବିଦ୍ୟାଳୟର ୫୦ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଗୁରୁବାର ଶିବିର ଉଦ୍‌ଯାପନୀ ଉତ୍ସବରେ ଅମରେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ସିଆର୍‌ସିସି ଲକ୍ଷ୍ମୀଧର ସେଠୀ, ପୂର୍ବତନ ସିଆର୍‌ସିସି ପ୍ରକାଶ ଚନ୍ଦ୍ର ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁରଜିତ୍ ବିଶୋୟୀ ଯୋଗଦେଇ ବର୍ତ୍ତମାନ ସାମାଜରେ ନାରୀଙ୍କ ପ୍ରତି ସୁରକ୍ଷା ବ୍ୟବସ୍ଥା ଓ ବଳାତ୍କାର ପାଇଁ ଏହି ତାଲିମ ନିହାତି ଆବଶ୍ୟକ । ନିଜେ ହିଁ ନିଜ ସୁରକ୍ଷା କବଚ ହେବା ଆବଶ୍ୟକ ବୋଲି କହିଥିଲେ। ଶିବିର ଗତ ୧୭ ତାରିଖରୁ ଚାଲିଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ଆଲୋଚନା ସଭା

**ଦିଗପହଣ୍ଡି,୨୫।୭(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଘୋଡ଼ାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି ପକ୍ଷରୁ କାର୍ଯ୍ୟାଳୟ ସଭାଗୃହରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ପାଣି ପଞ୍ଚାୟତ ଶୀର୍ଷ କମିଟି ସମ୍ପାଦକ ରମେଶ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଶୀର୍ଷ କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାପାତ୍ର ଅଧକ୍ଷତା କରିଥିଲେ। ଚିକିଟି ଜଳ ବିଭାଜନ ନିର୍ବାହୀ ଯନ୍ତ୍ରୀ ଇଂ. ଦିଲୀପ କୁମାର ଦାଶ, ଘୋଡ଼ାହାଡ଼ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରମୋଦ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବର୍ଷା ଅଭାବରୁ ଧାନତଳି ଝାଉଁଳି ଗଲାଣି। ଚଳିତବର୍ଷ ଶାଖା କେନାଲରୁ ଘାସ, ଲଟାବୁଦା ସଫା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁଦାନ ମଞ୍ଜୁର କରାଯାଇନାହିଁ। ଘୋଡ଼ାହାଡ଼ ଡ୍ୟାମ ବାମ ଓ ଡ଼ାହାଣ କେନାଲ ଯୋଗେ ପାଣି ଛଡ଼ା ନ ଯିବାରୁ ଧାନତଳି ଘରା ଫାଟିଗଲାଣି। ତୁରନ୍ତ କେନାଲ ଯୋଗେ ପାଣି ଛାଡିବାକୁ ଦାବିକରି ପାଣି ପଞ୍ଚାୟତ କମିଟି କର୍ମକର୍ତ୍ତା ରାମନାଥ ବିଶୋୟୀ, ବିପ୍ର ପ୍ରଧାନ, କୋରା ବରାଡ଼, ଏ. ବୁଧିଆ ପାତ୍ର, କାଳୀ ଚରଣ ରାଉଳ, ପି. ଦଣ୍ଡ ପାତ୍ର ପ୍ରମୁଖ ସଭାରେ ପାଟିତୁଣ୍ଡ କରିଥିଲେ। ଉପସ୍ଥିତ ନିର୍ବାହୀ ଯନ୍ତ୍ରୀ ବିଭାଗ ପକ୍ଷରୁ ଶାଖା କେନାଲ ସଫେଇପାଇଁ ବ୍ୟୟ ଅଟକଳ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆବଶ୍ୟକ ବର୍ଷା ନ ହେଲେ ଶୁକ୍ରବାର ଅପରାହ୍ଣ ୪ଟାରେ ଡ୍ୟାମରୁ ପାଣି ଛଡ଼ାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା।

## ■ ଜନସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା

# ଜଣ୍ଡିସ୍‌କୁ ଡାକୁଛି ଗୋଳିଆପାଣି

**ବ୍ରହ୍ମପୁର ଅଫିସ୍,୨୫।୭**

ସ୍ୱଚ୍ଛ ପାଣି ଯୋଗାଇବାରେ ଜନସ୍ୱାସ୍ଥ୍ୟ ବିଭାଗର ବିଫଳତାକୁ ନେଇ ଏବେ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି। ଦୁଇ ଦିନ ହେଲା ପାଇପ୍‌ରେ କେବଳ ଗୋଳିଆ ପାଣି ଆସୁଛି। କାଦୁଅ ମିଶା ମଇଳା ପାଣି। ନା ପାନୀୟ ଯୋଗ୍ୟ, ନା ଅନ୍ୟ କୌଣସି କାମରେ ବ୍ୟବହାର ହୋଇପାରୁଛି। ଏଭଳି ଯଦି ଗୋଳିଆ ପାଣି ଆଉ କିଛି ଦିନ ଆସିବ, ତେବେ ପରିସ୍ଥିତି ସାଂଘାତିକ ହେବ । ଜଣ୍ଡିସ୍ ବ୍ୟାପୀବାର ସମ୍ଭାବନା ରହିଛି। ଏଣୁ ପାଣି ଆସୁଥିଲେ ମଧ୍ୟ ଲୋକମାନେ ଜଣ୍ଡିସ୍ ଡରରେ ବ୍ୟବହାର କରୁନାହାନ୍ତି। ବ୍ରହ୍ମପୁର ସହରର ଅର୍ଦ୍ଧାଧିକ ଅଞ୍ଚଳରେ ଏବେ ଏପ୍ରକାର ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ପାଣି ପାଇଁ ରାଗିଲେଣି । ଅନ୍ୟପଟେ ପାଣି ନମୁନା ପରୀକ୍ଷା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି ।

ଋଷିକୁଲ୍ୟାରୁ ବ୍ରହ୍ମପୁର ସହର ଆମ୍ବପୁଆରୁ ପ୍ରାୟ ନୂଆବସ୍ତିଷ୍ଟାଣ୍ଡ ପର୍ଯ୍ୟନ୍ତ ଅଞ୍ଚଳକୁ ପାଣି ଯୋଗାଣ ହେଉଛି । ଗତ ୨୦ତାରିଖରୁ ପାଇପ୍ ବଦଳା କାମ ଚାଲିଥିଲା ଏହା ଶେଷ ହୋଇଛି । ନୂଆ ପାଇପ୍‌ରେ ପାଣି ଆସୁଛି । କିନ୍ତୁ ଯେଉଁ ପାଣି ଆସୁଛି, ତାହା ଗୋଳିଆ । ଏଣୁ ଗତ ସପ୍ତାହେ ହେଲା ଦେଖାଦେଇଥିବା ପାଣି ସମସ୍ୟା ଦୂର ହେବା ବଦଳରେ ଆହୁରି ଉତ୍କଟ ହେବାରେ ଲାଗିଛି। ମଙ୍ଗଳବାର ବିଳମ୍ବିତ ରାତିରେ ନୂଆ ପାଇପ୍‌ରେ ପାଣି ଯୋଗାଣ ହୋଇଥିଲା, କିନ୍ତୁ ଗୋଳିଆ ପାଣି ଆସିଥିଲା । ଲୋକମାନେ ଆଶା କରୁଥିଲେ ଧୀରେ ଧୀରେ ସ୍ୱଚ୍ଛ ପାଣି ଆସିବ । ବୁଧବାର ମଧ୍ୟ ଆସିଲା ଗୋଳିଆ । ଗୁରୁବାର ମଧ୍ୟ ଆଙ୍କୁଲି, ଲାଞ୍ଜିପଲ୍ଲୀ ସହ ଅନ୍ୟ ବହୁ ଅଞ୍ଚଳରେ ଗୋଳିଆ ପାଣି ଆସିଛି। ସ୍ୱଚ୍ଛ ପାଣି କେବେ ମିଳିବ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ମଧ୍ୟ ଠିକ୍ ଭାବେ କହିପାରୁ ନାହାନ୍ତି । ହେଲେ ପାଣି ସଫା କରିବା ଦିଗରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ତେବେ ଗୋଳିଆ ପାଣି ଏବଂ ଅସ୍ୱଚ୍ଛ ପାଣି ପିଇଲେ, ଜଣ୍ଡିସ୍‌ରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ଫଳରେ ଲୋକମାନେ ଭୟରେ ଅଛନ୍ତି ।

ଏନେଇ ଏଡିପିଏଚ୍‌ଓ (ଭିବିଡ଼ି) ଡା. ଆର୍. ଜଗଦୀଶ ପଟ୍ଟନାୟକ କହିଛନ୍ତି, ଗୋଳିଆ ଓ ଅଶୁଦ୍ଧ ପାଣି ପିଇଲେ ଜଣ୍ଡିସ୍ ହୋଇପାରେ । ଏଣୁ ତୁରନ୍ତ ପାଣିର ନମୁନା ସଂଗ୍ରହ କରିବା ସହ ତାକୁ ପରୀକ୍ଷା କରିବା ପାଇଁ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ । ଜଣ୍ଡିସ୍ ଯେମିତି ନ ବ୍ୟାପେ, ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି ।



ପାଇପ୍‌ରୁ ଆସୁଥିବା ଗୋଳିଆ ପାଣି ।

■ପାଣି ପରୀକ୍ଷା କରିବ ସ୍ୱାସ୍ଥ୍ୟ ବିଭାଗ

■ସ୍ୱଚ୍ଛ ପାଣିକୁ ଚାହିଁ ରହିଛନ୍ତି ବ୍ରହ୍ମପୁରବାସୀ

# ନାରୀଟିଏ, ଗଛଟିଏ




ଚାରାରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ମହିଳାମାନେ ।

**ବ୍ରହ୍ମପୁର ଅଫିସ୍,୨୫।୭**

ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସରରେ ଥିବା ଏକ କାଳୀନ ସମାଧାନ କେନ୍ଦ୍ର (ସଖୀ) ପକ୍ଷରୁ ଗୁରୁବାର ଅପରାହ୍ଣରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡା. ରାଧା ମାଧବ ତ୍ରିପାଠୀ, ଅଧୀକ୍ଷକ ଡା. ଚରଣ ପଣ୍ଡା ଉପସ୍ଥିତ ରହି 'ନାରୀଟିଏ, ଗଛଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଚାରାରୋପଣ କରିଥିଲେ । ନିର୍ଦ୍ଦେଶକ ସୁଧୀର କୁମାର ସାବତ ଏବଂ କେନ୍ଦ୍ରର ବ୍ୟବସ୍ଥାପିକା ମହାଶ୍ୱେତା ପାଢୀ ଉପସ୍ଥିତ ଥିଲେ ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ



ସମ୍ବର୍ଦ୍ଧନା ସଭାରେ ନୂତନ ଏବଂ ପୁରାତନ ଛାତ୍ରୀଛାତ୍ରମାନେ।

**ବ୍ରହ୍ମପୁର ଅଫିସ୍,୨୫।୭**

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ନବାଗତ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରାଯାଇଥିଲା। ହୋମ ଯଜ୍ଞ ମାଧ୍ୟମରେ ବିଦ୍ୟାରମ୍ଭ ସଂସ୍କାର ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା, ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଆଶୀର୍ବାଦ ପୂର୍ବକ ଉତ୍ସବ ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗ ବ୍ରହ୍ମପୁର ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। ଯୁକ୍ତ ୨ ଶିକ୍ଷା କ୍ଷେତ୍ରରେ ଏହି ମହାବିଦ୍ୟାଳୟ ଏକ ଅନ୍ୟାନ୍ୟ ସ୍ଥାନ ଅଧିକାର କରିଥିବାରୁ ଏହା ଆମ ରାଜ୍ୟ ତଥା ଗଞ୍ଜାମ ଜିଲା ପାଇଁ ଏକ ଗୌରବର କଥା ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଉପଦେଷ୍ଟା ନରସିଂହ ଚୌଧୁରୀ, ସଭ୍ୟ ନୀଳକଣ୍ଠ ସାହୁ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଏବଂ ଅଧ୍ୟକ୍ଷ ଏସ୍. ମୋହନ ରାଓ ଉପସ୍ଥିତ ଥିଲେ। ଉପସଭାପତି ହରିକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ବିଭାଗ ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି। ବରିଷ୍ଠ ଅଧ୍ୟାପକ ସ୍ୱରାଜ୍ୟ ମାଝି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ବର୍ଷ ଛାତ୍ର ରାକେଶ ମହାପାତ୍ର ଏବଂ ସ୍ୱରାଜ ସ୍ୱାଇଁ ନିଜ ବକ୍ତବ୍ୟ ମାଧ୍ୟମରେ କନିଷ୍ଠ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ଏଠାରେ ଓଡିଶାର ସମସ୍ତ ଜିଲା ତଥା ପଡୋଶୀ ଆନ୍ଧ୍ରପ୍ରଦେଶର ୫୧୨ ବିଜ୍ଞାନ ଏବଂ ୧୨୮ ବାଣିଜ୍ୟ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ।

## ଚା ଦୋକାନରୁ ଗଞ୍ଜେଇ ଜବତ

**ବ୍ରହ୍ମପୁର ଅଫିସ୍,୨୫।୭**

ଏକ ଚା ଦୋକାନରୁ ସଦର ଥାନା ପୋଲିସ ଗୁରୁବାର ୨ କେଜି ୫୨୦ ଗ୍ରାମ ଗଞ୍ଜେଇ ଜବତ କରିଛି। ବ୍ୟବସାୟୀ ଜଣକ ହେଲେ ଆଙ୍କୁଶପୁରର ମିଟୁ ସାହୁ। ପୋଲିସ ନଂ.୧୮୩/୧୯ରେ ଏକ ମାମଲା ରୁଜୁ କରିଛି । ମିଟୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ନେଇ ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଜେରା ବେଳେ ବ୍ୟବସାୟୀ ଜଣକ କିଛିବର୍ଷ ହେଲେ ନିଜ ଘରେ ଗଞ୍ଜେଇ ରଖି ଚା ଦୋକାନରେ ବିକ୍ରି କରୁଥିବା ଜଣାପଡିଛି।

## କ୍ରୀଡ଼ା ସଂସଦରେ ଶୋକସଭା

**ବ୍ରହ୍ମପୁର ଅଫିସ୍,୨୫।୭**

ଗଞ୍ଜାମ ଜିଲା କ୍ରୀଡ଼ା ସଂସଦର ଆଜୀବନ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ସିଂ ସାମନ୍ତଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସଂସଦ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ଶୋକସଭାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସେ ବରିଷ୍ଠ ଭଲିବଲ୍ ଖେଳାଳି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ଦଳର କୋଚ୍ ରୂପେ ଦାୟିତ୍ୱ ତୁଲାଇଥିଲେ। ଶୋକସଭାରେ କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଉପସଭାପତି ତାରିଣୀ ଚରଣ ସାମନ୍ତରା, ସନ୍ତୋଷ କୁମାର ସାହୁ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ବସନ୍ତ କୁମାର ପାଣିଗ୍ରାହୀ, ଅଜୟ ତିଆଡ଼ି, ବିଜୟ କୁମାର ସିଂ ସାମନ୍ତ, ଅକ୍ଷୟ କୁମାର ପଟ୍ଟନାୟକ, ସୀତାରାମ ବେବର୍ତ୍ତା, ସୁରେନ୍ଦ୍ର ପଟ୍ଟନାୟକ ଏବଂ ଶିଶିର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ଥିତି ଅନୁଧ୍ୟାନ କଲେ ଭାଜପା, ଏବିଭିପି କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ୍,୨୫।୭**

**ସାବେରୀ ଛାତ୍ରୀନିବାସ ଭୁଶୁଡିବା ଘଟଣା**

ଭାଜପା ଯୁବମୋର୍ଚ୍ଚା ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର କର୍ମକର୍ତ୍ତାମାନେ ଗୁରୁବାର ଭୁଶୁଡି ପଡିଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାବେରୀ ଛାତ୍ରୀନିବାସ କୋଠା ପରିଦର୍ଶନ କରିଥିଲେ । ଏବିଭିପି ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ଓ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ଯାଇ ସ୍ଥିତି ପରଖିବା ସହ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଓ କୁଳସଚିବ ରଞ୍ଜନ ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ । କୋଠାର ଦୁର୍ବଳତା ସମ୍ପର୍କରେ ଅଜ୍ଞ ହେତୁ ଏଭଳି ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସମସ୍ତ ଦୁର୍ବଳ କୋଠା ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଭାଜପା ଓ ଏବିଭିପି ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ଗଞ୍ଜାମ ଜିଲା ସଂଯୋଜକ ଟୁଟୁନ ପାତ୍ର, ଅନନ୍ତ ପ୍ରସାଦ ପ୍ରଧାନ, ବିଦ୍ୟୁତ୍ ରଞ୍ଜନ ଦାଶ ଏବଂ ଭାଜପା ଯୁବମୋର୍ଚ୍ଚାର ଜିଲା ସଭାପତି ସିଦ୍ଧାନ୍ତ ଗଙ୍ଗଦେବ, ସାଧାରଣ ସମ୍ପାଦକ ବିକାଶ ପାଣିଗ୍ରାହୀ, କିରଣ ସାହୁ ଓ ରବି ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଧରାକୋଟ: ଅଙ୍ଗନୱାଡ଼ି କେନ୍ଦ୍ର ସଜାଡିବାକୁ ପ୍ରୟାସ

# ବିଭିନ୍ନ କେନ୍ଦ୍ର ଦେଖିଲେ ତହସିଲଦାର, ସିଡିପିଓ



କୁଶଗୁମା ଅଙ୍ଗନୱାଡି କେନ୍ଦ୍ରରେ ତହସିଲଦାର ଗଦାଧର ପାତ୍ର, ସିଡିପିଓ ଏବଂ ଅନ୍ୟମାନେ।

**ଧରାକୋଟ, ୨୫।୭(ଡି.ଏନ.ଏ.)**

ଶିଶୁମାନଙ୍କର ବୌଦ୍ଧିକ ଓ ପୁଷ୍ଟିଗତ ବିକାଶ ପାଇଁ କାର୍ଯ୍ୟ କରୁଛି ଅଙ୍ଗନୱାଡି କେନ୍ଦ୍ର। ଏହାର ସ୍ଥିତାବସ୍ଥା, ଭିତ୍ତିଭୂମୀ, ଉପସ୍ଥାନ, ଖାଦ୍ୟ ମାନ ପରୀକ୍ଷଣ, ଯୋଗାଣର ସାବଲିଳତା ଓ ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ ଠିକ୍ ଭାବେ ଦିଆଯାଉଛି କି ନାହିଁ ତାର ଅନୁଧ୍ୟାନ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ତହସିଲଦାର ଗଦାଧର ପାତ୍ର, ସିଡିପିଓ ସରୋଜ ବାଳା ଆଚାର୍ଯ୍ୟ, ସୁପରଭାଇଜର ସଞ୍ଜୁଲତା ଭୋଇ ମିଳିତଭାବେ କୁଶଗୁମା, ନନ୍ଦିଗୋର ଓ ଜଗମୋହନ ପ୍ରମୁଖ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ମହାଲିଙ୍ଗେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମୁଣ୍ଡମରାଇରେ ପ୍ରସ୍ତୁତ ଛତୁଆ ମାନ ପରୀକ୍ଷା କରିଥିଲେ। ସରକାରୀ ଯୋଜନାରେ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ କିପରି ସୁଚାରୁ ରୂପେ ବଣ୍ଟନ କରାଯାଉଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଟିମ୍ ସହ ଯାଇ ତଦନ୍ତ କଲୁ। ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସିଡିପିଓ ଆଚାର୍ଯ୍ୟ କହିଛନ୍ତି । ସମ୍ପ୍ରତି ରାଜ୍ୟରେ ମାତୃ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି । ପୁଷ୍ଟିକର ଖାଦ୍ୟ ଯୋଗାଣରେ ଠିକ୍ ମାନ ରହୁଛି କି ନାହିଁ ତଦନ୍ତର ମୁଖ୍ୟ ଆଧାର ଥିଲା।

# ଋଣ ଟଙ୍କା ଶୁଝି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୫।୭**

ଲୋକଙ୍କଠାରୁ ବ୍ୟବସାୟ ପାଇଁ ଲକ୍ଷାଧିକ ଟଙ୍କା ଧାର ଆଣି ପରବର୍ତ୍ତୀ ସମୟରେ ତାହା ଶୁଝି ନ ପାରି ଜଣେ ମହିଳା ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ହେଲେ ସ୍ୱର୍ଗତ ନିରଞ୍ଜନ ନାୟକଙ୍କ ସ୍ତ୍ରୀ କୁରି (୫୦) ବୋଲି ବଡବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମେ ୨୪ ତାରିଖରେ ପୁରୁଣା ବ୍ରହ୍ମପୁରରେ ରହୁଥିବା କୁରିଙ୍କ ଝିଅ ରେଶମା ଧାର ଟଙ୍କା ଶୁଝି ନ ପାରି ମଧ୍ୟ ଆତ୍ମହତ୍ୟା କରିଥିଲେ। ସେହିପରି ଗୁରୁବାର ତାଙ୍କ ମା' କୁରି ଆତ୍ମହତ୍ୟା କରିଛନ୍ତି ।
ପ୍ରକାଶ ଯେ, କୁରି ଓ ତାଙ୍କ ପୁଅ କାହ୍ନା କୁଠାରି ମନ୍ଦିର ସାହିର ସତ୍ୟନାରାୟଣ ସୁବୁଦ୍ଧିଙ୍କ ଘରେ ଭଡ଼ାରେ ରହୁଥିଲେ। ବ୍ୟବସାୟ କରିବା ପାଇଁ ମହିଳା ଜଣକ କେତେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଧାର ନେଇଥିଲେ। ବ୍ୟବସାୟ ଭଲ ନ ହେବାରୁ ସେ ଠିକ୍ ସମୟରେ ଟଙ୍କା ଶୁଝିପାରି ନ ଥିଲେ। ଏହାକୁ ନେଇ ମହିଳା ଜଣକ କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ଗୁରୁବାର ସକାଳେ ତାଙ୍କ ପୁଅ ଘରେ ନ ଥିଲେ। କିଛି ସମୟ ପରେ ସେ ଘରକୁ ଫେରି ଭିତର ପଟୁ କବାଟ ବନ୍ଦ ଥିବା ଦେଖି ଖୋଲିବା ପାଇଁ ମା'ଙ୍କୁ ଡାକିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ମା' କବାଟ ନ ଖୋଲିବାରୁ କାହ୍ନା ବଡବଜାର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘର କବାଟ ଭାଙ୍ଗି ଦେଖିବା ବେଳେ ମହିଳା ଜଣକ ବେକରେ ଏକ ପ୍ଲାଷ୍ଟିକ ରଶି ଲଗାଇ ଝୁଲୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା କହିଛି।

# ଅଶ୍ଳୀଳ ମେସେଜ ପଠାଇ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୫।୭**

ଟୁର ଆଣ୍ଡ ଟ୍ରାଭେଲସ ମାଲିକଙ୍କୁ ଅଶ୍ଳୀଳ ମେସେଜ ପଠାଇବା ସହ ଧମକ ଚମକ ଦେବା ଅଭିଯୋଗରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହଳଦିଆପଦରର ନିକୁ ପାଣିଗ୍ରାହୀ (୨୭) ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ମାମଲା ନଂ. ୭୪/୧୯ରେ ତାଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି। ନିକୁ ଏହିସବୁ କାରନାମା ବେଳେ ବ୍ୟବହୃତ କରିଥିବା ମୋବାଇଲ ଫୋନ ଓ ଅନ୍ୟାନ୍ୟ ସରଞ୍ଜାମଗୁଡିକୁ ପୋଲିସ ଜବତ କରିଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁରେ କୈଳାସ ପାଣିଗ୍ରାହୀ ଏକ ଟୁର ଆଣ୍ଡ ଟ୍ରାଭେଲସ କରିଛନ୍ତି। ପୂର୍ବରୁ ତାଙ୍କ ପାଖରେ ନିକୁ କାର ଡ୍ରାଇଭର ଭାବେ କାମ କରୁଥିଲେ । କିଛି ମାସ ତଳେ ନିକୁଙ୍କ ବ୍ୟବହାରରେ ଅତିଷ୍ଠ ହୋଇ କୈଳାସ ତାଙ୍କୁ ବାହାର କରି ଦେଇଥିଲେ। ନିକୁ ମାଲିକଙ୍କ ଉପରେ ରାଗ ରଖି ଗତ କିଛିଦିନ ଧରି ଲଗାତର ଭାବେ ଫେସବୁକରେ ପୋଷ୍ଟ ହୋଇଥିବା ମାଲିକ ପରିବାରଙ୍କ ଫଟୋକୁ ଅଶ୍ଳୀଳ ମେସେଜ ପଠାଉଥିଲେ। ଏପରିକି ଟ୍ରାଭେଲସ ନିକଟକୁ ଆସି ମାଲିକଙ୍କୁ ଗାଳି ଗୁଲଜ କରିବା ସହ ଧମକଚମକ ଦେଇଥିଲେ। ପରେ କୈଳାସ ଏନେଇ ଥାନାରେ ଅଭିଯୋଗ କରିଥିଲେ ବୋଲି ପୋଲିସ କହିଛି।

# କେନ୍ଦ୍ର ଅବହେଳାରୁ ମହେନ୍ଦ୍ରଗିରି ବିକାଶ ବାଧାପ୍ରାପ୍ତ

**ବ୍ରହ୍ମପୁର ଅଫିସ,୨୫।୭**

**ବ୍ରହ୍ମପୁର ଏମ୍‌ପିଙ୍କ ଅଭିଯୋଗ**

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଭୁକ୍ତ ଗଜପତି ଜିଲାରେ ଥିବା ପୁରାଣ ପ୍ରସିଦ୍ଧ ଓ ଐତିହାସିକ ସ୍ଥଳି ମହେନ୍ଦ୍ରଗିରି ପର୍ବତର ବିକାଶ ପ୍ରତି କେନ୍ଦ୍ର ସରକାର ଅବହେଳା କରୁଛନ୍ତି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ମଧ୍ୟ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି । ଲୋକ ସଭାରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏଭଳି ଅଭିଯୋଗ କରିବା ସହ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ତ୍ୱରିତ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ମହେନ୍ଦ୍ରଗିରିର ସୁରକ୍ଷା ଓ ସଂରକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଯୋଜନାବଦ୍ଧ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ସେ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ମୋଦି ସରକାର ଦୁଇବର୍ଷ ତଳେ ସ୍ୱଦେଶୀ ଦର୍ଶନ ସର୍କିଟ ନାମରେ ପର୍ଯ୍ୟଟନ ପ୍ରକଳ୍ପ ଯୋଜନା ଆରମ୍ଭ କରିଛନ୍ତି । ରାମାୟଣ ସର୍କିଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସହ ସେଥିରେ ଦେଶର ୧୫ ପର୍ଯ୍ୟଟନ ସ୍ଥଳି ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନୀତ କରାଯାଇଛି । ଏହା ଏକ ପ୍ରଶଂସନୀୟ ଯୋଜନା ହୋଇଥିବାରୁ ମହେନ୍ଦ୍ରଗିରି ପର୍ବତର ଅନେକ ଉନ୍ନତି ଘଟିବାର ଲୋକେ ଆଶା କରିଥିଲେ । ୨ ବର୍ଷ ମଧ୍ୟରେ କୌଣସି ବିକାଶ ହୋଇ ନ ଥିବାରୁ ଏମପି ଉଦ୍‌ବେଗ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀଲଙ୍କା ଗସ୍ତ ବେଳେ ରାମାୟଣ ସର୍କିଟ ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଏବେବି ଅବହେଳିତ ହୋଇ ରହିଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଏହାର ବିକାଶ ଲାଗି ବଜେଟରେ ବ୍ୟୟବରାଦ, ସ୍ୱଦେଶୀ ଦର୍ଶନ ଯୋଜନାର ରାମାୟଣ ସର୍କିଟ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପର୍ଯ୍ୟଟନ ମନ୍ତ୍ରୀ ପଦକ୍ଷେପ ନେବାକୁ ଚନ୍ଦ୍ରଶେଖର ଦାବି କରିଛନ୍ତି ।



ମହେନ୍ଦ୍ରଗିରି ପର୍ବତ ।




ଉପଜିଲାପାଳ ମାର୍କେଟ କମ୍ପ୍ଲେକ୍ସ ସିଲ୍ କରିବା ଘଟଣା

# ଟଙ୍କା ପୈଠ ପରେ ଖୋଲିଲା ୩ ଦୋକାନ

ଗୋପାଳପୁର,୨୫।୭

ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ଗୋପାଳପୁର ବେଳାଭୂମି ଏବଂ ଓବରାଇ ମାର୍କେଟ କମ୍ପ୍ଲେକ୍ସକୁ ବୁଧବାର ସିଲ୍ କରିଥିଲେ। ଗୁରୁବାର ୩ ଦୋକାନୀ ପ୍ରାୟ ୨ଲକ୍ଷ ଟଙ୍କା ଭଡା ବାବଦକୁ ଏନ୍ଏସିରେ ପୈଠ କରିବା ପରେ ପ୍ରଶାସନ ଦୋକାନ ଖୋଲିଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବକେୟା ଟଙ୍କା ପୈଠ କରିବାକୁ ଏନ୍ଏସି କର୍ତ୍ତୃପକ୍ଷ ନୋଟିସ୍ ଜାରି କରିଥିଲେ ମଧ୍ୟ ବ୍ୟବସାୟୀମାନେ ଭ୍ରୁକ୍ଷେପ କରିନଥିଲେ। ଦୋକାନ ଗୃହର ସମୁଦାୟ ୭ ଲକ୍ଷ ୪୩ ହଜାର ୯ଶହ ଟଙ୍କା ବାକି ରହିଥିଲା। ଏହି ପରିପ୍ରେକ୍ଷୀରେ ଉପଜିଲାପାଳ ରାଉତରାୟଙ୍କ ନେତୃତ୍ୱରେ ଏନଏସି କାର୍ଯ୍ୟନିର୍ବହୀ ଅଧିକାରୀ ସେଠୀ, ଅନ୍ୟ କର୍ମଚାରୀ ପୋଲିସ ଉପସ୍ଥିତିରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୭ଟି ଦୋକାନକୁ ସିଲ୍ କରିଥିଲେ। ବେଳାଭୂମି ପାର୍ଶ୍ୱରେ ଥିବା ସି-ପଲ୍ ହୋଟେଲ ଓ ଲଜ୍ ଦୂଷିତ ଜଳ ସମୁଦ୍ରକୁ ଛାଡୁଥିବା ବେଳେ ଏହାକୁ ଦେଖି ଉପଜିଲାପାଳ ହୋଟେଲ ମାଲିକଙ୍କୁ ତାଗିଦ କରିବା ସହ ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।




## ସଂକ୍ଷେପରେ

### ତହସିଲଦାରଙ୍କ ଛତୁଆ ପ୍ରସ୍ତୁତି, ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ

ପାତ୍ରପୁର,୨୫।୭(ଡି.ଏନ୍.ଏ.)
ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପାତ୍ରପୁର ତହସିଲଦାର ଡ଼. ଶ୍ରୀନିବାସ ବେହେରା ଓ ସିଡ଼ିପିଓ ପଦ୍ମିନୀ ସାହୁ ଗୁରୁବାର ପାତ୍ରପୁର ବ୍ଲକରେ ଥିବା ଛତୁଆ ପ୍ରସ୍ତୁତି ପ୍ରକଳ୍ପ ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ଥାନୀୟ ସୁରଙ୍ଗୀ ପଞ୍ଚାୟତ ନିକଟସ୍ଥ ଶଳାଭାଗପେଣ୍ଠ ନିକଟରେ ଥିବା ଛତୁଆ ପ୍ରକଳ୍ପ ପରିଦର୍ଶନ କରିଥିବା ବେଳେ ସୁରଙ୍ଗୀ ସେକ୍ଟରର ୫ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ଛତୁଆ ତିଆରି ହେଉଥିବା କେନ୍ଦ୍ରରେ ବିଭିନ୍ନ ସରଞ୍ଜାମ ଓ ପ୍ରସ୍ତୁତି ପଦ୍ଧତି ଦେଖିବା ସହ ମାନ ନିରୀକ୍ଷଣ କରିବା ସହ ଖାତାପତ୍ର ଯାଞ୍ଚ କରିଥିଲେ। ସବୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁମାନେ ଠିକ୍ ଉପସ୍ଥିତ ଥିବାବେଳେ କେଶପୁରରେ ୨୩ଜଣ ଶିଶୁଙ୍କ ମଧ୍ୟରୁ ୧୧ ଜଣଙ୍କ ଉପସ୍ଥିତିକୁ ନେଇ ସିଡ଼ିପିଓ କ୍ଷୁବ୍ଧ ହୋଇଥିଲେ।

# ଡକାୟତି ଉଦ୍ୟମ ବିଫଳ,୬ ଗିରଫ

ଧରାକୋଟ,୨୫।୭(ଡି.ଏନ.ଏ.)

ବୁଧବାର ମଧ୍ୟ ରାତିରେ ୫୯ନଂ. ଜାତୀୟ ରାଜପଥ ଧରାକୋଟ ଥାନା ତାଳପାଟଣା ନିକଟସ୍ଥ ନନ୍ଦିଗୋର ତୋଟା ବିଶ୍ରାମାଗାରରୁ ଡକାୟତି ଉଦ୍ୟମ କରୁଥିବା ୬ ଜଣଙ୍କୁ ଧରାକୋଟ ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ଶିବରାମ ପରିଚ୍ଛା, ନୟାଗଡ ସଦର ଥାନା କଞ୍ଚଣାପଲ୍ଲୀର ଜଗା ନାୟକ, ଆସିକା ଥାନା ପାକଲାପଲ୍ଲୀର ରବି ନାହାକ, ଜଗନ୍ନାଥ ପ୍ରସାଦ ପଟ୍ଟାଧର ଗ୍ରାମର ସଞ୍ଜୟ ସ୍ୱାଇଁ, କବିସୂର୍ଯ୍ୟନଗର ଚଢେୟାପଲ୍ଲୀର କୃଷ୍ଣ ବେହେର, ଆସିକା ଥାନା ପାକଲାପଲ୍ଲୀର ସାଇ ଶଙ୍କର ପଲେଇ। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା,କାତି, ଭୁଜାଲି, ଟର୍ଚ୍ଚ, ଦୁଇଗୋଟି ହାତ ତିଆରି ବୋମା, କଳା ମୁଖା ଓ ଏକ ନମ୍ବର ବିହୀନ ବାଇକ୍ ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଥାନା ଇନ୍ସପେକ୍ଟର ଶେଷଦେବ କହଁର ସଦଳବଳେ ଚଢାଉ କରିଥିଲେ। ଧରାକୋଟ ଥାନାରେ ନଂ.୧୦୫/୧୯ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀଙ୍କଠାରୁ ପ୍ରକାଶ।


ଥାନାରେ ଗିରଫ ୬ ଅଭିଯୁକ୍ତ।

# ଏମ୍ଇ ସ୍କୁଲ ପ୍ରତିଷ୍ଠା ପାଇଁ ବିଇଓଙ୍କୁ ଦାବିପତ୍ର

ଗଞ୍ଜାମ,୨୫।୭(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ନିଉପୋଡ଼ମପେଟା ଗ୍ରାମରେ ମଧ୍ୟ ଇଂରାଜୀ ବିଦ୍ୟାଳୟ (ଏମ୍ଇ ସ୍କୁଲ) ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ଘଡ଼ାଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗାଁରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ସେଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପଞ୍ଚମ ଶ୍ରେଣୀ ପାସ୍ କଲା ପରେ ପିଲାମାନେ ପ୍ରାୟ ୬ ରୁ ୭ କିମି ଅତିକ୍ରମ କରି ଅନ୍ୟ ଏକ ଗ୍ରାମକୁ ପଢ଼ିବା ପାଇଁ ଯାଉଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗୋଟିଏ ପଞ୍ଚାୟତରୁ ପାଳିବନ୍ଧ ପଞ୍ଚାୟତକୁ ଛୋଟ ଛୋଟ ପିଲାମାନେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଗତ ଏପ୍ରିଲ ୨ରେ ଜିଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଗ୍ରାମବାସୀ ଜଣାଇଛନ୍ତି। ଦାବିପତ୍ରର ନକଲ ଜିଲାପାଳ, ଡିପିସିଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ଗ୍ରାମବାସୀ କହିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜେ. ଗାୟତ୍ରୀ, ସିଏଚ୍ ଦେବକୀ, ସିଏଚ୍ ସିମାଦ୍ରୀ, ସିଏଚ୍ ଗଜେନ୍ଦ୍ର, ବି. ସାତେୟା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଯୁବକଙ୍କୁ ମାଡ଼ ଅଭିଯୋଗ

**ଦିଗପହଣ୍ଡି,୨୫।୭ (ଡି.ଏନ.ଏ.)**
ଦିଗପହଣ୍ଡି ବ୍ଲକ ବନମାଳୀ ଗ୍ରାମର ସନ୍ତୋଷ ଗୌଡ଼ଙ୍କୁ ତାଙ୍କ ବାପା ଓ ଭାଇ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେମାନଙ୍କ ମାଡ଼ରେ ସନ୍ତୋଷଙ୍କ ବାମ ହାତରେ ଗଭୀର ଆଘାତ ଲାଗିଛି। ଗୁରୁବାର ଏନେଇ ଏତଲା ହେବା ପରେ କେ.ନୂଆଗାଁ ଥାନାରେ ମାମଲା ନଂ ୧୩୦/୧୯ ଅନୁଯାୟୀ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ମାଧବାନନ୍ଦ ନାୟକ କହିଛନ୍ତି। ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ଗତ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ସନ୍ତୋଷଙ୍କୁ ଆକ୍ରମଣ କରାଯାଇଥିଲା ବୋଲି ପୋଲିସ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ତଦନ୍ତରୁ ଜଣାପଡ଼ିଛି। ଗିରଫ ଭୟରେ ଉଭୟ ଅଭିଯୁକ୍ତ ଫେରାର ଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ ଜଣାଇଛନ୍ତି।

## ମଦ ଜବତ, ୨ ଗିରଫ

ଦିଗପହଣ୍ଡି,୨୫।୭(ଡି.ଏନ.ଏ.)–ପାଟପୁର ପୋଲିସ ବୁଧବାର କଙ୍କୋରଡ଼ା ଗ୍ରାମର ଲିଙ୍ଗା ସାହୁ ଏବଂ ଏରେଣ୍ଡ୍ରା ଗ୍ରାମର ଜିତେନ୍ଦ୍ର ଜେନାଙ୍କୁ କୋର୍ଟଚାଲାଣ କରିଛି । ମଙ୍ଗଳବାର ରାତିରେ ଉଭୟ ଅଭିଯୁକ୍ତଙ୍କ ନିକଟରୁ ୧୪ ବିଦେଶୀ ମଦ ବୋତଲ ଜବତ କରାଯାଇଥିଲା। ନଂ. ୧୪୩/୧୯ ଓ ୧୪୪/୧୯ ଅନୁଯାୟୀ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ପୃଥକ୍ ମାମଲା ରୁଜୁ କରାଯାଇଛି।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ